# Akashvani, Sambalpur

## SAMBALPURI NEWS MORNING BULLETIN

## 14 August 2026 - 6.47- 6.52 am.

---

ରାଷ୍ଟ୍ରପତି- ସମ୍ବୋଧନ୍          ଆର୍‌ଏନ୍‌ୟୁ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୮୦ ନମ୍ବର୍ ସ୍ୱାଧୀନତା ଦିବସ୍‌ର ଆଘର୍ ସଞ୍ଝେ ଆଏଜ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ସଞ୍ଝର୍ ୭ ବଜେ ରାଷ୍ଟ୍ରପତିଙ୍କର୍ ସମ୍ବୋଧନ୍ ଆକାଶ୍‌ବାଣୀର୍ ସବୁ କେନ୍ଦ୍ର ଆଉ ଦୂର୍‌ଦର୍ଶନ୍‌ର ସବୁ ଚେନାଲ୍‌ଥି ପ୍ରସାରିତ୍ ହେବା । ପହେଲା ହିନ୍ଦୀ ଆଉ ତାର୍ ଉତ୍‌ରୁ ଇଂରାଜୀ ଭାଷାଥି ରାଷ୍ଟ୍ରପତିଙ୍କର୍ ସମ୍ବୋଧନ୍ ପ୍ରସାରଣ୍ କରାଯିବା । ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍‌ର ଅନୁବାଦ୍ ଆଂଚଲିକ୍ ଭାଷାଥି ରାତି ସାଢ଼େ ୯ ବଜେ ଆକାଶ୍‌ବାଣୀଥି ପ୍ରସାରଣ୍ କରାଯିବା । ସେଥିର୍‌ଲାଗି ଆଏଜ୍ ସଞ୍ଜ୍‌ବେଲର୍ ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ ରାତିର ୮ ବାଜିକରି ୩୨ ମିନିଟ୍‌ଥି ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଶକ୍ତି ପ୍ରକଳ୍ପ ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

୨୦୩୦ ମସିହାତକ୍ ରାଜ୍ୟର୍ ସବୁ ଇଲାକାକେ ଗୁଣାତ୍ମକ୍ ବିଦ୍ୟୁତ୍ ସେବା ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ  ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଶକ୍ତିବିଭାଗ୍‌ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆଉ ଆଏବାଦିନେ ହେବାର୍‌କେ ଥିବା ଶକ୍ତି ପ୍ରକଳ୍ପ ବାବ୍‌ଦେ ସମୀକ୍ଷା କରିଛନ୍ । ଇହାଦେ ରାଏଜେ ୨ ଶହ ୧୦ ଟା ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ୍ ଅଛେ । ସେଥିର୍‌ଭିତ୍‌ରୁ ଗଲା ୨ ବଛର୍ ଭିତ୍‌ରେ ୧୫ ଟା ନୂଆଁ ଗ୍ରୀଡ୍ ସବ୍‌ଷ୍ଟେସନ୍ ଥାପ୍‌ନା କରାଯାଇଛେ । ସେନ୍ତା ୨ ବଛର୍ ଭିତ୍‌ରେ ୭ ଶହ ୮୮ ଦଶ୍‌ମିକ୍ ୯/୯ ସର୍କିଟ୍ କିଲୋମିଟର୍ ଟ୍ରାନ୍ସମିଶନ୍ ଲାଇନ୍ ଭିଲ୍ ବିଛାଯାଇଛେ ବଲି ବୈଠକ୍‌ନୁ ଜନାପଡ଼ିଛେ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟପାଲ୍ ଆଇ ଆଣ୍ଡ୍ ପି.ଆର୍

ବିଶ୍ୱବିଦ୍ୟାଲୟମାନେ ନିଜର୍ ଇଲାକାର୍ କମ୍‌ସେକମ୍ ଗୁଟେ ଗାଁକେ ପୌଷ୍ୟ ଗାଁ ହିସାବେ ଗ୍ରହଣ୍ କରିକରି ସ୍ଥାନୀୟ ଲୁକ୍‌କର୍ ଦକ୍ଷତା ଆଉ ସମ୍ଭାବନାକେ ଚିହ୍ନଟ୍ କର୍‌ବାର୍ ସହେତେ ତାଲିମ୍ ଆଉ ଔଦ୍ୟୋଗିକ୍ ସୁଯୋଗ୍ ତିଆର୍ କର୍‌ବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆହ୍ୱାନ୍ ଦେଇଛନ୍ । ଖୋର୍ଦ୍ଧା ଜିଲ୍ଲାର୍ ଜଟଣୀ ନ ଥିବାର୍ ସେଂଚୁରିଆନ୍ ବିଶ୍ୱବିଦ୍ୟାଲୟ ନ ସର୍‌କାରୀ ଆଉ ବେସର୍‌କାରୀ ବିଶ୍ୱବିଦ୍ୟାଲୟମାନ୍‌କର୍ କୁଳପତିମାନ୍‌କର୍ ଲାଗି ହେଇଥିବା ଦିନ୍‌କିଆ ଅଭିଜ୍ଞତା ବିନିମୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ବିଶ୍ୱବିଦ୍ୟାଲୟମାନେ ନିଜର୍ ଛାତ୍ରଛାତ୍ରୀ, ଅଧ୍ୟାପକ୍ ଆଉ ସମ୍ବଲକେ ବେଭାର୍ କର୍‌ବାର୍ ସହେତେ ଗାଁ ମାନ୍‌କେ ଥିବା ଦକ୍ଷତା ଆଉ ସମ୍ଭାବନାକେ ଚିହ୍ନଟ୍ କରିକରି ସେ ହିସାବେ ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍ ପ୍ରସ୍ତୁତ୍ କର୍‌ବାର୍ ଦର୍‌କାର୍ । ଇ ଅବ୍‌ସରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଉ ଭିନ୍ ଭିନ୍ ବିଭାଗ୍‌ର କମିଶନର୍ ଆଉ ଶାସନ୍ ସଚିବମାନେ ଉପସ୍ଥିତ୍ ଥିଲେ ।

ଉଦ୍ୟାନ୍ କୃଷି ବିକାଶ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାର୍ ଜଲ୍‌ବାୟୁ ଆଉ ମାଟିର୍ ସୁବିଧାକେ ନେଇକରି ଉଦ୍ୟାନ୍ କୃଷିର୍ ବିକାଶ୍ ସହେତେ ଚାଷୀମାନ୍‌କର୍ କମାନି ବଢ଼ାବାର୍ ଉପ୍‌ରେ ସର୍‌କାର୍ ଜୋର୍ ଦଉଛନ୍ । ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍‌ର ଉଦ୍ୟାନ୍ କୃଷି ନିର୍ଦ୍ଦେଶାଳୟ ତର୍‌ଫୁ ଗୁଟେ ରାଜ୍ୟସ୍ତରୀୟ ସମ୍ମିଳନୀ ଗଲାକାଏଲ୍ ହେଇଯାଇଛେ । ଚାଷ୍‌ର ବିକାଶ୍, ରୋଜ୍‌ଗାର୍ ବଢ଼ାବାର୍ ଆଉ ପୋଷଣ୍ ସୁରକ୍ଷା ଇତାର୍ ମୁଲ୍ ଉଦ୍ଦେଶ୍ୟ ଆଏ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଅଧିକାରୀମାନ୍‌କୁ ନିୟମିତ୍ ଭାବେ ଖେତ୍ ପରିଦର୍ଶନ୍ କରିକରି ଚାଷୀମାନ୍‌କର୍ ସମସ୍ୟା ବୁଝ୍‌ବାର୍ ଆଉ ସେଥିର୍ ସମାଧାନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ଖେତି ଏଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ ଆଉ ଉଦ୍ୟାନ୍ କୃଷି ନିର୍ଦ୍ଦେଶାଳୟ ଭିତ୍‌ରେ ଜଲ୍‌ବାୟୁ ସହନ୍‌ଶୀଳ ଚାଷ୍ ଲାଗି ଗୁଟେ ବୁଝାମଣାପତ୍ର ଭିଲ୍ ସ୍ୱାକ୍ଷରିତ୍ ହେଇଛେ ।

ଇଂଟର୍‌ନେଟ୍ ସେବା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଫି’ ଗାଁକେ ଇଂଟର୍‌ନେଟ୍ ସେବା ଯୁଗାବାର୍ ଆଉ ଡିଜିଟାଲ୍ ସେବା ପୁହୁଁଚାବାର୍‌ଟା ସର୍କାର୍‌ଙ୍କର୍ ମୁଲ୍ ଲକ୍ଷ୍ୟ ଆଏ ବଲି ରାଜ୍ୟ ସୂଚନା ଆଉ ପ୍ରଯୁକ୍ତିବିଦ୍ୟାମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଭୁବ୍‌ନେଶ୍ୱର୍ ନ ଥିବା ଓଡ଼ିଶା କମ୍ପ୍ୟୁଟର୍ ପ୍ରୟୋଗ୍ କେନ୍ଦ୍ର ନ ଡିଜିଟାଲ୍ ଭାରତ୍ ନିଧି ଅଧୀନ୍‌ଥି ଚାଲିଥିବା ଭିନ୍ ଭିନ୍ ଟେଲିକମ୍ ପ୍ରକଳ୍ପର୍ ସମୀକ୍ଷା କରିକରି ମନ୍ତ୍ରୀ କହିଛନ୍, ରାଜ୍ୟର୍ ଦୁରିଆ ଆଉ ଗାଁ ଇଲାକା ନ ମୋବାଇଲ୍ ଇଂଟର୍‌ନେଟ୍ ସେବାର୍ ପ୍ରସାର୍, ଫୋର୍-ଜି, ଫାଇଭ୍-ଜି ସଂଯୋଗୀକରଣ୍ ଆଉ ଟାୱାର୍ ଲଗାବାର୍ ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ନେଟ୍‌ୱର୍କ ସଂଯୋଗୀକରଣ୍‌କେ ଉନ୍ନତ୍ କର୍‌ବାର୍ ଲାଗି ଟେଲିକମ୍ କମ୍ପାନୀମାନ୍‌କୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ନିର୍ଦ୍ଦେଶ୍ ଦେଇଛନ୍ ।

ହର୍‌ଘର୍ ତ୍ରିରଙ୍ଗା- ମିଶନ୍‌ଶକ୍ତି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ହର୍‌ଘର୍ ତିରଙ୍ଗା ଅଭିଯାନ୍ ଅଧୀନ୍‌ଥି ରାଜ୍ୟର୍ ୩୦ ଟା ଜିଲ୍ଲାର୍ ମିଶନ୍ ଶକ୍ତିର ମହିଳାମାନେ ଧାରିଜ୍ ସମିଆ ଆଘୋନୁ ୬୦ ଲାଖ୍

ଜାତୀୟ ପତାକା ବନେଇଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳାମାନ୍କର୍ ସଫଲତାକେ ନେଇକରି ତାଙ୍କର୍ ପ୍ରତିକ୍ରିୟାଥି କହିଛନ୍, ଇଟା ଓଡ଼ିଶା ଲାଗି ଗର୍ବ ଆଉ ଗୌରବ୍‌ର ବିଷେ ଆଏ । ମହିଳାମାନ୍‌କୁ ସାମୂହିକ୍ ମଂଚ ଜରିଏ ସଶକ୍ତ କରାଗଲେ କାମ୍‌କେ ସଫଲତାର୍ ସହେତେ ପୁରା କରାଯାଇପାର୍‌ବା । ମିଶନ୍ ଶକ୍ତି ଜରିଏ ରାଜ୍ୟର୍ ମହିଳାମାନେ ବିକାଶ୍ ପ୍ରକ୍ରିୟାଥି ସକ୍ରିୟ ଭାଗିଦାରୀ ହେବାର୍ ସହେତେ ସ୍ଥାୟୀ ଜୀବିକାର୍ ସୁଯୋଗ୍ ତିଆର୍ କରିପାରିଛନ୍ ।

ସନ୍ତରଣ ପ୍ରତିଭା ସୌରଭ୍ ପଟେଲ        ବଲାଙ୍ଗିର୍ ସମ୍ବାଦଦାତା

ଜାତୀୟ ଏକ୍ୱାଟିକ୍ ପ୍ରତିଯୋଗିତାଥି ୩ ଟା ସ୍ୱର୍ଣ୍ଣପଦକ୍ ହାସଲ୍ କରିଥିବା ସୌରଭ୍ ପଟେଲ୍‌ଙ୍କୁ ବଲାଙ୍ଗିର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସମ୍ମାନିତ୍ କରାଯାଇଛେ । ଜିଲ୍ଲାପାଲ୍ ଗୌରବ୍ ଶିଓ୍ୱାଜୀ ଇସଲ୍‌ଓ୍ୱାର୍ ଯୁବ ସନ୍ତରଣ ପ୍ରତିଭା ସୌରଭଙ୍କୁ ଉତରୀୟ ଆଉ ମାନପତ୍ର ଦେଇକରି ସମ୍ମାନିତ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଜାତୀୟ ଏକ୍ୱାଟିକ୍ ପ୍ରତିଯୋଗିତାଥି ସୌରଭ୍ ୩ ଟା ଅଲ୍‌ଗା

ଅଲ୍‌ଗା ବର୍ଗ ନ ଓଡ଼ିଶାର୍ ପହେଲା ସନ୍ତରଣକାରୀଭାବେ ସ୍ୱର୍ଣ୍ଣପଦକ୍ ହାସଲ୍ କରିଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ହେଇଥିବା ଲଘୁଚାପ୍ କ୍ଷେତ୍ର ଅବପାତ୍‌ଥି ବଦ୍‌ଲିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍ ନ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଲନ୍ କରାଯାଇଛେ । ରାଏଜେ ଆଏବା ୧୮ ତାରିଖ୍‌ତକ୍ ବର୍ଷା ଲାଗି ରହେବାର୍ ସମ୍ଭାବନା ରହିଛେ । ଇ ବାବ୍‌ଦେ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍,
(ଭଏସ୍ ଓଭର୍- ମନୋରମା ମହାନ୍ତି)